# Akashvani, Sambalpur

## SAMBALPURI NEWS BULLETIN

### 10 April 2024- 6.47- 6.52 am.

*********************************************

ନିର୍ବାଚନ ପ୍ରସ୍ତୁତି/ରାଜ୍ୟ ଆର୍‌ଏନ୍‌ୟୁ / ସମ୍ବଲପୁର

ଜବର୍ ଖରା ଆର କାଲବୈଶାଖିର ସମ୍ଭାବନା ଥିବାର୍ ସମିଆଥି ରାଏଜେ ଆଏବା ମେ ମାସର ୧୩, ୨୦, ୨୫ ଆର୍ ଜୁନ୍ ମାସର୍ ୧ ତାରିଖ୍ ଦିନ୍ ଭୋଟ୍ ହେବା । ଏନ୍ତା ସମିଆଥି ସଫଲ୍ ନିର୍ବାଚନ୍ ପରିଚାଲନାକେ ନେଇକରି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଁଚା ଦରଜାର୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଭୋଟ୍ ଦିନ୍ ମାନ୍‌କେ କେନ୍ତେଇକରି ଲୁକେ ସୁବିଧାଥି ଭୋଟ୍ ଦେଇପାର୍‌ବେ ସେ ବାବ୍‌ଦେ ଆଲୋଚନା ହେଇଥିଲା । ଇତାର୍‌ସହେତେ ଧନଜୀବନ୍ ହାନୀ ନାଇଁ ହେଇକରି ମତଦାନ୍ ହାର ବଜାୟ ରଖିବାର୍ ସହେତେ ତ୍ରୁଟିଶୂନ୍ୟ ନିର୍ବାଚନ୍ ପରିଚାଲନା ବାବ୍‌ଦେ ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଜୋର୍ ଦେଇଛନ୍ ।

ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ଫି ମତଦାନ୍ କେନ୍ଦ୍ରମାନ୍‌କେ ପିଇବାର୍ ପାଏନ୍, ଓଆର୍‌ଏସ୍, ଶୌଚାଳୟ, ଛଏଁରା ଆର୍ ବିଶ୍ରାମ୍‌ଗୃହ ସହେତେ ବିଜ୍‌ଲି ଆର୍ ପଙ୍ଖାର୍ ବ୍ୟବସ୍ଥା ଭିଲ୍ ସୁନିଶ୍ଚିତ୍ କର୍‌ବାର୍ ଦିଗେ ଜୋର୍ ଦିଆଯାଇଥିଲା । ଭୋଟ୍ କେନ୍ଦ୍ରମାନ୍‌କେ ଝାଉନୁ ରକ୍ଷା କର୍‌ବାର୍ ଲାଗି ଉଷୋ ମହଜୁଦ୍ ରଖାଯିବାର୍ ସହେତେ ଝନେ ପାରାମେଡ଼ିକାଲ୍ ଅଫିସର୍ ଆର୍ ମତଦାନ୍ ଦିନ୍‌ମାନ୍‌କେ ଆମ୍ବୁଲେନ୍ସ ବ୍ୟବସ୍ଥା କର୍‌ବାର୍ ଉପ୍‌ରେ ନିଷ୍ପତି ନିଆଯାଇଛେ ।

ପ୍ରିଜାଇଡିଂ ଆର୍ ପୁଲିଂ ଅଫିସର୍‌ମାନ୍‌କୁ ଡାକ୍ତର୍‌ମାନେ ଝାଉମରାର୍ ଉପଚାର୍ ବାବ୍‌ଦେ ତାଲିମ୍ ଦେବେ ବଲି ବୈଠକ୍‌ଥି ଆଲୋଚନା ହେଇଥିଲା । ବୈଠକ୍‌ଥି ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଜି. ମାଥିଭତନାନ୍, ସ୍ୱାସ୍ଥ୍ୟ ବିଭାଗ୍ ନିର୍ଦ୍ଦେଶକ୍ ଶାଲିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବିଶ୍ୱ ହୋମିଓପାଥି ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ହୋମିଓପାଥି ଦିବସ୍ । ହୋମିଓପାଥି ଚିକିତ୍ସାର୍ ଜନକ ଡକ୍ଟର୍ ସାମୁଏଲ୍ ହେନିମେନ୍ ଙ୍କର୍ ଜନମ୍‌ଦିନ୍‌କେ ସୁର୍‌ତା

କରିକରି ଇ ଦିବସ୍ ମନାଯାଏସି । ହୋମିଓପାଥି ଗୁଟେ ବିକଳ୍ପ ଚିକିତ୍ସା ପଦ୍ଧତି ଆଏ । ହୋମିଓପାଥି ଉଷୋର କେନ୍‌ସି ପାର୍ଶ୍ୱପ୍ରତିକ୍ରିୟା ନାଇଁଥାଏ । ଇ ବଛରର୍ ହୋମିଓପାଥି ଦିବସ୍‌ର ବାର୍ତା ରହିଛେ 'ହୋମିଓ ପରିବାର୍ - ଗୁଟେ ସ୍ୱାସ୍ଥ୍ୟ - ଗୁଟେ ପରିବାର୍' । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀର୍ ଦ୍ୱାରିକା ନ ଥିବାର୍ ଯଶୋଭୂମି ସମ୍ମିଳନୀ କକ୍ଷ ନ ୨ ଦିନିଆ ବୈଜ୍ଞାନିକ୍ ସମ୍ମିଳନୀ- ହୋମିଓପାଥି ସିମ୍ପୋଜିଅମ୍ ର୍ ଉଦ୍‌ଘାଟନ୍ କର୍‌ବେ । ଇ ସମ୍ମିଳନୀଥି କେନ୍ଦ୍ର ଆୟୁସ୍ ମନ୍ତ୍ରଣାଳୟର୍ ସଚିବ ବୈଦ୍ୟ ରାଜେଶ୍ ପୋଟେଜା, କେନ୍ଦ୍ରୀୟ ହୋମିଓପାଥି ଅନୁସନ୍ଧାନ ଆର୍ ଗବେଷଣା ସଂସ୍ଥା- ସିସିଏଚ୍‌ଆର୍‌ର ନିର୍ଦ୍ଦେଶକ ଡକ୍ଟର୍ ସୁଭାସ୍ କୌଶିକ୍, ରାଷ୍ଟ୍ରୀୟ ହୋମିଓପାଥି ଆୟୋଗ୍‌ର ଅଧ୍ୟକ୍ଷ ଡକ୍ଟର୍ ଅନୀଲ୍ ଖୁରାନାଙ୍କର୍ ସହେତେ ହୋମିଓପାଥି ଚିକିତ୍ସା କ୍ଷେତ୍ରଥି ପଦ୍ମପୁରସ୍କାର୍ ବିଜେତା ମାନେ ଯୋଗ୍ ଦେବେ ।

ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଫଲ୍ ଆଏବା ମାସର୍ ୧୩ ତାରିଖ୍ ଦିନ ବାହାର୍‌ବା

ବଲି ବୋର୍ଡ୍ ତର୍ଫୁ ଧାରିଜ୍ କରାଯାଇଛେ । ପହେଲା ଖେପର୍ ଖାତାସୁଧା କାମ୍ ଗଲାକାଏଲ୍ ସରିଛେ । ଦୁଇ ନମ୍ବର୍ ଖେପର୍ ଖାତାସୁଧା କାମ୍ ୨୦ ତାରିଖ୍ ତକ୍ ସର୍ବା ବଲି ପରିଷଦ୍ର ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର୍ ନାଏକ୍ କହିଛନ୍ ।

ବନକଲାଗି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଚଇତ୍ ମାସର୍ ଉଜଲ୍ ପଖର୍ ଦ୍ୱିତୀୟା ତିଥି ଥି ଶ୍ରୀଜୀଉମାନ୍କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ସର୍ବାର୍ ଉତ୍ରୁ ସଞ୍ଜର ୬ ବଜେନୁ ରାତି ୧୦ ବଜେତକ୍ ମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ । ଶ୍ରୀଜୀଉମାନ୍କର୍ ଶ୍ରୀମୁଖ ଶୃଙ୍ଗାର ଆଉ ବନକଲାଗି ଗୁଟେ ଗୁପତ୍ ନୀତି ହେଇଥିବାର୍ନୁ, ଇ ନୀତି ସମିଆଥି ଗର୍ଭଗୃହର୍ ସବୁ ଦ୍ୱାର ବନ୍ଦ୍ ରହେବା । ବନକଲାଗି ଉତ୍ରୁ ମହାପ୍ରଭୁଙ୍କର୍ ମହାସ୍ନାନ ନୀତି ହେବା । ମହାସ୍ନାନ ଉତ୍ରୁ ଭକ୍ତମାନେ ଫେର୍ଘାଏ ଶ୍ରୀବିଗ୍ରହମାନ୍କର୍ ଦର୍ଶନ୍ କରିପାର୍ବେ ।

ରବି ଧାନ୍ ଘିନା- ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ଧାନ୍ ଘିନା କମିଟିର୍ ବୈଠକ୍ ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଯାଇଛେ । ଚଲ୍ତି ବଛର୍ ଲାଗି ଆଏବା ମେ ମାସର୍ ୨୨ ତାରିଖ୍ନୁ ରବି ଧାନ୍ ଘିନା ମୁଲ୍ ହେବା ବଲି ସୂଚ୍ନା ମିଲିଛେ । ୬୭ ଟା ପେକ୍ସ, ୩୭ ଟା ମହିଲା ସ୍ୱୟଂସହାୟକ ଗୋଷ୍ଠୀ ସହେତେ ଶହେ ୪ ଟା ଧାନ୍ ଘିନା କେନ୍ଦ୍ରନୁ ଯୋଗାଣ ନିଗମ ଧାନ୍ ଘିନ୍ବା । ରବି ଧାନ୍ ବିକ୍ବାର୍ ଲାଗି ଚାଷୀମାନ୍କୁ ଟୋକନ୍ ଦିଆଯିବା । ରଏବାର୍କେ ଛାଡ଼ିକରି ବାକିଦିନ ସଖାଲର ୭ ନୁ ମଏଧାନର୍ ୧୨ ବଜେତକ୍ ଧାନ୍ ଘିନାଯିବା । ଧାନ୍ ବିକ୍ବାର୍ ଲାଗି ଜିଲ୍ଲାର୍ ୩୫ ହଜାର୍ ୫ ଶହ ୭୯ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଥିବାର୍ ସୂଚ୍ନା ମିଲିଛେ ।

ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଲନା ବୈଠକ୍

ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଲନା ବୈଠକ୍ ଜିଲ୍ଲାପାଲ୍ ଅନ୍ୟା ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଜିଲ୍ଲା ନ ଖରାକେ ନଜର୍ଥି ରଖିକରି ପିଇବାର୍ ପାନିର ଅଭାବ୍

ଥିବାର୍ ଗାଁର୍ ମାନ୍‌କେ ଚିହ୍ନଟ୍ କର୍‌ବାର୍ ସହେତେ ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ଜିଲ୍ଲାପାଲ୍ ବୈଠକ୍‌ଥି ଜୋର୍ ଦେଇଥିଲେ । ଗାଁମାନ୍‌କେ ଅଚଲ୍ ଥିବାର୍ ନଲ୍‌କୂଅାଁମାନ୍‌କର୍ ତୁର୍‌ତି ମରାମତି କର୍‌ବାର ସହେତେ ଅଙ୍ଗନବାଡ଼ି କେନ୍ଦ୍ର, ଶିକ୍ଷାନୁଷ୍ଠାନ୍‌ମାନ୍‌କେ ପିଇବାର୍ ପାଏନ୍‌ର ବ୍ୟବସ୍ଥା ଆର୍ ଭିଡ୍ ଜାଗାମାନ୍‌କେ ପାଏନ୍ ଛତର୍ ଖୁଲ୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ଜାତୀୟ ମହିଳା ହକି ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ମହିଳା ହକି ଲିଗ୍ - ୨୦୨୪-୨୫ ଇ ମାସର୍ ୩୦ ତାରିଖ୍‌ନୁ ମୁଲ୍ ହେବା ବଲି ହକି ଇଣ୍ଡିଆ ତର୍‌ଫୁ ଘୋଷ୍ନା କରାଯାଇଛେ । ପହେଲା ଖେପର୍ ମେଚ୍ ଆଏବା ୩୦ ନୁ ମେ ୯ ତାରିଖ୍‌ତକ୍ ୨ ଟା ଖେପେ ରାଂଚି ର ଜୟପାଲ୍ ସିଂ ଷ୍ଟାଡ଼ିୟମ୍ ନ ହେବା । ଇଥି ଓଡ଼ିଶା ସହେତେ ଦେଶର୍ ୮ ଟା ଦଲ୍ ଭାଗ୍ ନେବେ ବଲି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି କହିଛନ୍ । ସେ ଆହୁରି କହିଛନ୍ ଯେ, ଭାରତୀୟ ମହିଳା ହକି ଲାଗି ଜାତୀୟ ମହିଳା ହକି ଲିଗ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ।

ମୌସୁମୀ ବର୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍ତି ବଛର୍ ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍ରେ ଦେଶେ ବର୍ଷା ସ୍ୱାଭାବିକ୍ ହେବା ବଲି ଆନ୍ତର୍ଜାତୀୟ ପାଣିପାଗ୍ ସଂସ୍ଥା ସ୍କାଇମେଟ୍ ଅନୁମାନ୍ କରିଛେ । ରାଜସ୍ଥାନ୍, ମଧ୍ୟପ୍ରଦେଶ୍, ଉତର୍ପ୍ରଦେଶ୍, ଗୁଜୁରାଟ୍ ସହେତେ ୨୩ ଟା ରାଏଜେ ଭଲ୍ ବର୍ଷା ହେବା । ହେଲେ ଓଡ଼ିଶା ନ ଜୁଲାଇ ଆଉ ଅଗଷ୍ଟ ମାସେ କମ୍ ବର୍ଷା ହେବା ଆର୍ ତାର୍ ଉତ୍ରୁ ସ୍ୱାଭାବିକ୍ ବର୍ଷା ହେବା ବଲି ସ୍କାଇମେଟ୍ର ପରିଚାଳନା ନିର୍ଦ୍ଦେଶକ୍ ଜତୀନ୍ ସିଂ କହିଛନ୍ ।